# NATIONAL NEWS BULLETIN (ODIA)
## 09th December - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ରାଜସ୍ଥାନ ଓ ହରିୟାଣାକୁ ଆଜି ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।

— ଜାଗ୍ରତ ରାଜସ୍ଥାନ ବିଶ୍ୱ ସମ୍ମିଳନୀ-୨୦୨୪ର ଉଦ୍‌ଘାଟନ ଓ ପାନିପଥ୍‌ଠାରେ ବୀମା ସଖୀ ଯୋଜନାର କରିବେ ଶୁଭାରମ୍ଭ ।

- ମହାରାଷ୍ଟ୍ର ବିଧାନସଭାରେ ଆଜି ହେବ ବାଚସ୍ପତି ଚୟନ ।

— ବି.ଜେ.ପି.ର ରାହୁଲ୍ ନାର୍ଭେକର ଏଥିପାଇଁ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ।

- ତିନିଦିନିଆ ରୁଷ୍ ଗସ୍ତରେ ଯାଇ ଗତରାତିରେ ମସ୍କୋରେ ପହଞ୍ଚିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ବାଂଲାଦେଶକୁ ଆଜି ଗସ୍ତରେ ଯିବେ ବୈଦେଶିକ ସଚିବ ।

ଏବଂ

- ମହିଳା ଜୁନିୟର ଏସିଆ କପ୍ ହକି ପ୍ରତିଯୋଗିତାରେ ବାଂଲାଦେଶକୁ ୧୩-୧ ଗୋଲ୍‌ରେ ପରାସ୍ତ କଲା ଭାରତ ।

## ପି.ଏମ୍. - ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନ ଓ ହରିୟାଣା ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀ ରାଜସ୍ଥାନର ଜୟପୁର ପ୍ରଦର୍ଶନୀ ଓ ସମ୍ମିଳନୀ କେନ୍ଦ୍ରରେ ଚାଲିଥିବା "ଜାଗ୍ରତ ରାଜସ୍ଥାନ ବିଶ୍ୱ ସମ୍ମିଳନୀ-୨୦୨୪"ର ଉଦ୍‌ଘାଟନ କରିବେ। ୫ ହଜାରରୁ ଅଧିକ ବ୍ୟବସାୟ ଓ ବାଣିଜ୍ୟ ପ୍ରତିନିଧି, କୂଟନୀତିଜ୍ଞ, ନିବେଶକ ଏବଂ ଅନ୍ୟ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି । ୩ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ୩୨ଟି ଦେଶର ପ୍ରତିନିଧି ଏବଂ ୧୭ଟି ସହଯୋଗୀ ରାଷ୍ଟ୍ର ଯୋଗ ଦେଉଛନ୍ତି । ରାଜସ୍ଥାନରେ ପୁଞ୍ଜିନିବେଶ ଓ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହିତ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ସମ୍ମିଳନୀ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭଜନଲାଲ୍‌ଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଯୋଗଦେବେ ।

ହରିୟାଣାର ପାନିପଥ୍‌ଠାରେ ପ୍ରଧାନମନ୍ତ୍ରୀ ଜୀବନ ବୀମା ନିଗମର 'ବୀମା ସଖୀ ଯୋଜନା'ର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି। ମାଟ୍ରିକ୍

ପାସ୍ କରିଥିବା ୧୮ରୁ ୭୦ ବର୍ଷ ବୟସର ମହିଳାଙ୍କ ସଶକ୍ତୀକରଣ ନିମନ୍ତେ ଏହି ଯୋଜନା କାର୍ଯ୍ୟକାରୀ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାଳରେ ହରିୟାଣାର କର୍ଣ୍ଣାଲ୍‌ଠାରେ ଥିବା ମହାରାଣା ପ୍ରତାପ ଉଦ୍ୟାନକୃଷି ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସର ଶିଳାନ୍ୟାସ କରିବେ। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଉଦ୍ୟାନକୃଷିର ସ୍ନାତକ ଓ ସ୍ନାତକୋତ୍ତର ଅଧ୍ୟୟନ ନିମନ୍ତେ ବ୍ୟବସ୍ଥା ରହିଛି। ୭ ଶହ କୋଟିରୁ ଅଧିକ ଟଙ୍କା ବ୍ୟୟ ଅଟକଳରେ ୪୯୫ ଏକର ପରିମିତ ଅଞ୍ଚଳରେ ମୁଖ୍ୟ କ୍ୟାମ୍ପସରେ ଏବଂ ୬ଟି ଆଞ୍ଚଳିକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବ ।

## ମହା - ଆସେମ୍ବ୍ଲି

ପଞ୍ଚଦଶ ମହାରାଷ୍ଟ୍ର ବିଧାନସଭାରେ ଆଜି ବାଚସ୍ପତି ଚୟନ କରାଯିବ । ଏଥିପାଇଁ ବି.ଜେ.ପି.ର ରାହୁଲ୍ ନାର୍ଭେକର ଏକମାତ୍ର ପ୍ରାର୍ଥୀ ଅଛନ୍ତି । ବାଚସ୍ପତି ପଦପାଇଁ ନାମାଙ୍କନ ପତ୍ର ଦାଖଲର ସମୟସୀମା ଗତକାଲି ମଧ୍ୟାହ୍ନ ୧୨ଟାକୁ ଧାର୍ଯ୍ୟ କରାଯାଇଥିଲା । ଏଥିରେ ବି.ଜେ.ପି.ର ଶ୍ରୀ ନାର୍ଭେକରଙ୍କ ବ୍ୟତୀତ ଅନ୍ୟ କେହି ନାମାଙ୍କନ ପତ୍ର ଦାଖଲ କରି ନାହାନ୍ତି । ତେଣୁ ଶ୍ରୀ ନାର୍ଭେକରଙ୍କ ନାମ ଆଜି ବାଚସ୍ପତି ପଦପାଇଁ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବାର ଆଶା କରାଯାଉଛି । ତେବେ ଏହା ପୂର୍ବରୁ କାମଚଳା ବାଚସ୍ପତି

କାଳିଦାସ କୋଲାମ୍ବକର ନବନିର୍ବାଚିତ ସଦସ୍ୟଙ୍କର ଶପଥପାଠ କାର୍ଯ୍ୟକ୍ରମ ଶେଷ କରିବାର କାର୍ଯ୍ୟସୂଚୀ ରହିଛି । ବାଚସ୍ପତି ଚୟନ ଘୋଷଣା ପରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍ ଅଧିବେଶନକୁ ସମ୍ବୋଧନ କରିବେ । ଏହାପରେ ନାଗପୁରଠାରେ ହେବାକୁ ଥିବା ଶୀତକାଳୀନ ଅଧିବେଶନ ପର୍ଯ୍ୟନ୍ତ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯିବ ।

## କର୍ଣ୍ଣାଟକ ଲେଜିସ୍‌ଲେଟିଭ୍ ସେସନ୍

କର୍ଣ୍ଣାଟକ ବିଧାନସଭାର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ବେଲଗାଭିସ୍ଥିତ ସୁବର୍ଣ୍ଣ ସୌଧଠାରେ ଏହି ୧୦ ଦିନିଆ ଅଧିବେଶନ ବସିବ । ଗୃହରେ ଆଲୋଚନା ପାଇଁ ୨୦୫ଟି ଧ୍ୟାନ ଆକର୍ଷଣକାରୀ ନୋଟିସ୍ ଓ ୩ଟି ବେସରକାରୀ ବିଲ୍ ସମେତ ୩ ହଜାରରୁ ଅଧିକ ପ୍ରଶ୍ନ ରହିଛି ବୋଲି ବାଚସ୍ପତି ୟୁ.ଟି. ଖଦର ସୂଚନା ଦେଇଛନ୍ତି । ବିଧାନ ପରିଷଦ ଅଧ୍ୟକ୍ଷ ବାସବରାଜ ହୋରାଟ୍ଟି କହିଛନ୍ତି, ଗୃହରେ ବିଶେଷ କରି କର୍ଣ୍ଣାଟକର ଉତ୍ତର ଭାଗ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ୪ ଦିନ ଧରି ଆଲୋଚନା ହେବପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ରାଜନାଥ - ରୁଷ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତିନିଦିନିଆ ରୁଷ୍ ଗସ୍ତରେ ଯାଇ ଗତରାତିରେ ମସ୍କୋରେ ପହଞ୍ଚିଛନ୍ତି । ମନ୍ତ୍ରୀ ଶ୍ରୀ ସିଂହ ଆଜି ୟାନ୍ତା ସିପ୍ ୟାଡଠାରେ ଭାରତୀୟ ନୌସେନାର ଆଇଏନ୍ଏସ୍ ତୁସିଲରେ ବହୁମୁଖୀ କ୍ଷେପଣାସ୍ତ୍ର ବ୍ୟବସ୍ଥାର ଶୁଭାରମ୍ଭ କରିବେ । ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

ଶ୍ରୀ ସିଂହ ତାଙ୍କ ରୁଷ୍ ପ୍ରତିପକ୍ଷ ଆଣ୍ଡ୍ର୍ୟୁ ବେଲୁଶୋଭଙ୍କ ସହ ମସ୍କୋରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଏକବିଂଶ ଭାରତ-ରୁଷ ଆନ୍ତଃ ସରକାରୀ ଆୟୋଗ ଅନ୍ତର୍ଗତ ସାମରିକ-ବୈଷୟିକ ସହଯୋଗ ବୈଠକରେ ସହ-ଅଧ୍ୟକ୍ଷତା କରିବେ । ଉଭୟନେତା ସାମରିକ ଏବଂ ଶିଳ୍ପ ସହଯୋଗ ସମେତ ପ୍ରତିରକ୍ଷା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଥିବା ସହଯୋଗ କ୍ଷେତ୍ରର ସମୀକ୍ଷା କରିବେ । ପାରସ୍ପରିକ ସ୍ୱାର୍ଥ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

ପ୍ରତିରକ୍ଷାମନ୍ତ୍ରୀ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସହିଦ ହୋଇଥିବା ସୋଭିଏତ୍‌ର ସୈନିକଙ୍କୁ ଅଜ୍ଞାତ ସେନାନୀଙ୍କ ସ୍ମାରକୀଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର କାର୍ଯ୍ୟସୂଚୀ ରହିଛି । ଗସ୍ତକାଳରେ ମନ୍ତ୍ରୀ ଶ୍ରୀ ସିଂହ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟ କରିବେ ।

## ଏଫ୍.ଏସ୍. - ଢାକା ଭିଜିଟ୍

ବୈଦେଶିକ ସଚିବ ବିକ୍ରମ ମିସ୍ରି ଆଜି ବାଂଲାଦେଶ ଗସ୍ତରେ ଯିବେ । ବାଂଲାଦେଶରେ ସରକାର ବିରୋଧୀ ବିକ୍ଷୋଭ ଏବଂ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ କ୍ଷମତାଚ୍ୟୁତ ପରେ ନୂଆଦିଲ୍ଲୀର ଏହା ହେଉଛି ପ୍ରଥମ ଉଚ୍ଚସ୍ତରୀୟ ଗସ୍ତ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶ୍ରୀ ମିସ୍ରି ଢାକାରେ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ସଂକ୍ରାନ୍ତ ଏକ ବୈଠକରେ ଯୋଗଦେବା ସହିତ ତାଙ୍କ ବାଂଲାଦେଶୀ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ । ବାଂଲାଦେଶରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ନେଇ ନୂଆଦିଲ୍ଲୀ ଏବଂ ଢାକା ମଧ୍ୟରେ ବୃଦ୍ଧି ପାଉଥିବା ଦୂରତା ପରିପ୍ରେକ୍ଷୀରେ ବୈଦେଶିକ ସଚିବଙ୍କ ଏହି ଗସ୍ତ ଗୁରୁତ୍ୱ ବହନ କରୁଛି ।

## ସିରିୟା - ଅସଦ୍

ସିରିୟାର ପୂର୍ବତନ ରାଷ୍ଟ୍ରପତି ବଶର ଅଲ୍-ଅସଦ୍ ଓ ତାଙ୍କ ପରିବାର ରଜନୈତିକ ଆଶ୍ରୟ ପାଇଁ ଗତକାଲି ମସ୍କୋରେ ପହଞ୍ଚିଛନ୍ତି । ମାନବିକତା ଦୃଷ୍ଟିରୁ ରୁଷ୍ ସେମାନଙ୍କୁ ଆଶ୍ରୟ ଦେଇଛି ବୋଲି କ୍ରେମ୍ଲିନ୍ ଘୋଷଣା

କରିଛି । ଅବୁ ମହମ୍ମଦ ଅଲ୍-ଜୋଲାନି'ଙ୍କ ନେତୃତ୍ୱରେ ବିଦ୍ରୋହୀ ଗୋଷ୍ଠୀ ରାଜଧାନୀ ଦମାସ୍କସ୍‌କୁ ଅକ୍ତିଆର କରିବା ପରେ ଶ୍ରୀ ଅସଦ୍ ଦେଶ ଛାଡ଼ି ପଳାୟନ କରିଥିଲେ । ସିରିୟା ରାଜନୈତିକ ଦୃଶ୍ୟପଟରେ ଦ୍ରୁତ ପରିବର୍ତ୍ତନ ଆଞ୍ଚଳିକ ସ୍ଥିରତାକୁ ନେଇ ଚିନ୍ତା ବଢ଼ାଇଛି । ୨୦୧୫ ମସିହାରୁ ସିରିୟାରେ ସକ୍ରିୟ ଥିବା ବିଭିନ୍ନ ବିରୋଧୀ ଗୋଷ୍ଠୀଙ୍କ ଆହ୍ୱାନକୁ ମୁକାବିଲା କରିବା ଲକ୍ଷ୍ୟରେ ରୁଷ୍ ସିରିୟାକୁ ସାମରିକ ସହାୟତା ପ୍ରଦାନ କରିଆସିଛି । ୟୁକ୍ରେନ୍‌ରେ ରୁଷ୍‌ର ସାମରିକ ଅଭିଯାନକୁ ମଧ୍ୟ ସିରିୟା ଦୃଢ଼ ସମର୍ଥନ ପ୍ରଦାନ କରିଥିଲା । ପରିସ୍ଥିତି ଉପରେ ବିଶ୍ୱ ନେତୃବୃନ୍ଦ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ଦମାସ୍କସ୍‌ରେ ଭାରତୀୟ ଦୂତାବାସ କାର୍ଯ୍ୟକ୍ଷମ ରହିଛି ବୋଲି ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଦେଇଛି । ଦୂତାବାସ ସେଠାକାର ପ୍ରବାସୀ ଭାରତୀୟଙ୍କ ସହ ଯୋଗାଯୋଗରେ ଅଛି ଏବଂ ସେମାନେ ସେଠାରେ ସୁରକ୍ଷିତ ଥିବା ସୂଚନା ଦେଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଆଜିର ବିଷୟବସ୍ତୁ ରହିଛି

**'ଯକ୍ଷ୍ମାମୁକ୍ତ ଭାରତ'** । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯକ୍ଷ୍ମାବିଭାଗ ଉପମହାନିର୍ଦ୍ଦେଶକ ପ୍ରଫେସର ଉର୍ବଶୀ ବି. ସିଂହ ଏବଂ ଏମ୍ସର ପଲ୍ମୋନାରୀ ମେଡିସିନ୍ ବିଭାଗର ପ୍ରଫେସର ଡକ୍ଟର ବିଜୟ ହଡ୍ଡା ଏହି ଆଲୋଚନାରେ ଅଂଶ ଗ୍ରହଣ କରି ବିଷୟବସ୍ତୁ ସଂକ୍ରାନ୍ତ ଶ୍ରୋତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଏଥିପାଇଁ ଶ୍ରୋତାମାନେ ରାତି ସାଢ଼େ ୯ଟା ଠାରୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରି ନିଜ ପ୍ରଶ୍ନ ପଚାରିପାରିବେ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ମଧ୍ୟ ନିଜ ପ୍ରଶ୍ନ ପଚାରି ପାରିବେ ।

## ପଞ୍ଜାବ ଲୋକାଲ୍ ବଡ଼ି ଇଲେକ୍ସନ

ପଞ୍ଜାବରେ ଚଳିତ ମାସ ୨୧ ତାରିଖରେ ୫ଟି ମହାନଗର ନିଗମ ଏବଂ ପୌର ପରିଷଦ ବା ନଗର ପଞ୍ଚାୟତର ୫୯୮ଟି ୱାର୍ଡ ପାଇଁ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ। ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଇ.ଭି.ଏମ୍. ମାଧ୍ୟମରେ ମତଦାନ ହୋଇ ସେହିଦିନ ଭୋଟ ଗଣତି ହେବ।

ପଞ୍ଜାବ ରାଜ୍ୟ ନିର୍ବାଚନ ଆୟୋଗ ରାଜ କମଲ ଚୌଧୁରୀ ଗଣମାଧ୍ୟମକୁ କହିଛନ୍ତି, ୩ ହଜାର ୮୦୯ଟି ବୁଥ୍‌ରେ ମତଦାନ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା

ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩୪୪ଟି ମତଦାନ କେନ୍ଦ୍ରକୁ ଅଧିକ ସମ୍ବେଦନଶୀଳ ଓ ୬୬୫ଟି କେନ୍ଦ୍ରକୁ ସମ୍ବେଦନଶୀଳ' ଚିହ୍ନଟ କରାଯାଇଛି। ଏହି ନିର୍ବାଚନରେ ମୋଟ ୩୭ ଲକ୍ଷ ୩୨ ହଜାର ୬୩୬ ଜଣ ପଞ୍ଜୀକୃତ ଭୋଟର ମତଦାନ କରିବେ।

## ଇଣ୍ଡିଆ-ନେପାଳ କଲ୍‌ଚୁରାଲ୍ ଫେଷ୍ଟିଭାଲ୍

ଭାରତ-ନେପାଳ ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସଂସ୍କରଣ ଆଜିଠାରୁ ଲୁମ୍ବିନୀଠାରେ ଆରମ୍ଭ ହେବ । ବୌଦ୍ଧଧର୍ମ ସହିତ ଦୁଇ ଦେଶ ମଧ୍ୟରେ ରହିଥିବା ସାଂସ୍କୃତିକ ବୈଭବର ପ୍ରଚାର ଏବଂ ପ୍ରସାର ଉଦ୍ଦେଶ୍ୟରେ ଏହି ମହୋତ୍ସବର ଆୟୋଜନ କରାଯାଇଥାଏ । କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ, ଲୁମ୍ବିନୀ ପ୍ରଦେଶର ଗଭର୍ଣ୍ଣର ଏବଂ ଲୁମ୍ବିନୀ ବିକାଶ ଟ୍ରଷ୍ଟର ଉପାଧ୍ୟକ୍ଷ ମିଳିତ ଭାବେ ଏହି ମହୋତ୍ସବର ଆୟୋଜନ କରୁଛନ୍ତି । ସମାଜର ବିଭିନ୍ନ ବର୍ଗର ଲୋକ ଏଥିରେ ଯୋଗ ଦେଉଛନ୍ତି । ଭାରତ ଏବଂ ନେପାଳ ପକ୍ଷରୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏହି ମହୋତ୍ସବ ପାଳନ ଅବସରରେ 'ଭାରତ ଏବଂ ନେପାଳର ବୌଦ୍ଧ ସାଂସ୍କୃତିକ ଐତିହ୍ୟ' ଶୀର୍ଷକ ଆଲୋଚନା ଚକ୍ର ଲୁମ୍ବିନୀ ବୌଦ୍ଧ ବିଶ୍ୱବିଦ୍ୟାଳୟଠାରେ ଆଜି ଅନୁଷ୍ଠିତ ହେବ ।

## ହକି - ଏସିଆ କପ୍

ମହିଳା ଜୁନିୟର୍ ଏସିଆ ହକି ପ୍ରତିଯୋଗିତାରେ ଭାରତ ବାଂଲାଦେଶକୁ ୧୩-୧ ଗୋଲ୍‌ରେ ପରାସ୍ତ କରିଛି । ଓମାନ୍‌ର ମସ୍କଟ୍‌ଠାରେ ଗତରାତିରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ମମତାଜ୍ ଖାଁ ୪ଟି ଗୋଲ୍ ସ୍କୋର କରିଥିବାବେଳେ କନିକା ସିୱାଚ୍ ଏବଂ ଦୀପିକା ହ୍ୟାଟ୍ରିକ୍ ଅର୍ଜନ କରିଥିଲେ । ଭାରତ ଗ୍ରୁପ୍ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ମାଲେସିୟାକୁ ଭେଟିବ । ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଖେଳାଯିବ ।

## ବ୍ୟାଡ୍‌ମିଣ୍ଟନ - ଗୁଆହାଟୀ ମାଷ୍ଟର୍ସ

ଗୁଆହାଟୀ ମାଷ୍ଟର୍ସ ସୁପର୍ ୱାନ୍ ହଣ୍ଡ୍ରେଡ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତ ପୁରୁଷ ଏକକ ବର୍ଗ ଏବଂ ମହିଳା ମିଳିତ ବର୍ଗରେ ଟାଇଟଲ୍ ହାସଲ କରିଛି । ପୁରୁଷ ଏକକ ବର୍ଗରେ ସତୀଶ କୁମାର କରୁଣାକରନ୍ ଚୀନ୍‌ର ପ୍ରତିଯୋଗୀ ଝୁ ଷୁଆନ୍ ଚେନ୍‌'ଙ୍କୁ ପରାସ୍ତ କରି ଦ୍ୱିତୀୟ ଗୁଆହାଟୀ ମାଷ୍ଟର୍ସ ଟାଇଟଲ୍ ହାସଲ କରିଛନ୍ତି । ମହିଳା ମିଳିତ ବର୍ଗରେ ଅଶ୍ୱିନୀ ପୋନାପ୍ପା ଏବଂ

ତନୀଶା କ୍ରାଷ୍ଟୋଙ୍କ ଯୋଡ଼ି ଚୀନ୍‌ର ପ୍ରତିପକ୍ଷଙ୍କୁ ପରାସ୍ତ କରି ଚାମ୍ପିୟନ୍ ହୋଇଛନ୍ତି । ମହିଳା ଏକକ ବର୍ଗରେ ଭାରତର ଅନ୍‌ମୋଲ୍ ଖର୍ବ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି ।

*****